# ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ (ଗଞ୍ଜାମ)

Misc. (Alienation) Case No. ୧୮/2023

ପ୍ରକ୍ରିୟା ସଂଖ୍ୟା 1175/Aln                                                            ତା 19.5.2025

## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ଆମ୍ବୁଆବାଡି ଗ୍ରାମର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆମ୍ବୁଆବାଡି ଗ୍ରାମର ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମାର୍ଫତ- ସରକାରୀ ପ୍ରାଥମିକ ବିଦ୍ୟାଳୟ, ଆମ୍ବୁଆବାଡିଙ୍କ ସପକ୍ଷରେ ବନ୍ଦୋବସ୍ତ ନିମନ୍ତେ ପ୍ରସ୍ତାବ ରହିଅଛି । କିନ୍ତୁ ନିମ୍ନ ତଫସିଲ ଭୁକ୍ତ (କ) ସରକାରୀ ଜମିର ଖାତା ରକ୍ଷିତ ଓ କିସମ ଗୋଚର ଅଟେ । ଏଣୁ, ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମି ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମାର୍ଫତ- ସରକାରୀ ପ୍ରାଥମିକ ବିଦ୍ୟାଳୟ, ଆମ୍ବୁଆବାଡିଙ୍କ ସପକ୍ଷରେ ବନ୍ଦୋବସ୍ତ ହେବା ପୂର୍ବରୁ ଏହାର ଖାତା ରକ୍ଷିତରୁ ଆବାଦ ଯୋଗ୍ୟ ଅନାବାଦି ଓ କିସମ ଗୋଚରକୁ ପରିବର୍ତ୍ତନ କରି ସଂରକ୍ଷଣ କରିବା ନିମନ୍ତେ ଆବଶ୍ୟକତା ଅଛି ।

### (କ) ତଫସିଲ ଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପୁରା ରକବା (ଏ. ସି) | ଆବଶ୍ୟକ ରକବା (ଏ. ସି) | କିସମ |
|---|---|---|---|---|---|
| ଆମ୍ବୁଆବାଡି | ୨୪୧ (ରକ୍ଷିତ) | ୨୦୧୪ | ୧.୭୬୦ | ୦.୧୬୫ | ଗୋଚର |
| ମୋଟ : | | | ୧.୭୬୦ | ୦.୧୬୫ | |

ସେହିପରି, ଆମ୍ବୁଆବାଡି ଗ୍ରାମର ନିମ୍ନ ତଫସିଲ ଭୁକ୍ତ ସରକାରୀ (ଖ) ଜମିର ଖାତା- ଆବାଦ ଯୋଗ୍ୟ ଅନାବାଦି ଓ କିସମ- ବିଲ ଜଳସେଚିତ ଏକ ଫସଲୀ ଅଟେ ଏବଂ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମାର୍ଫତ- ସରକାରୀ ପ୍ରାଥମିକ ବିଦ୍ୟାଳୟ, ଆମ୍ବୁଆବାଡିଙ୍କ ସପକ୍ଷରେ ବନ୍ଦୋବସ୍ତ ହେବା ପୂର୍ବରୁ OGLS ନିୟମ ପ୍ରକାରେ ଆମ୍ବୁଆବାଡି ଗ୍ରାମ ପାଇଁ ସର୍ବ ନିମ୍ନ ଗୋଚର ସଂରକ୍ଷଣ କରିବା ନିମନ୍ତେ ରକବାର ଆବଶ୍ୟକତା ଅଛି ।

### (ଖ) ତଫସିଲ ଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ରକବା (ଏ. ସି) | କିସମ |
|---|---|---|---|---|
| ଆମ୍ବୁଆବାଡି | ୨୪୩ (ଆ.ଯୋ.ଅ) | ୪୨୭ | ୦.୭୭୦ | ବିଲ ଜଳସେଚିତ ଏକ ଫସଲୀ |
| | | ୧୨୪୪ | ୦.୬୮୫ | ବିଲ ଜଳସେଚିତ ଏକ ଫସଲୀ |
| | | ୧୧୧୯ | ୦.୨୭୦ | ବିଲ ଜଳସେଚିତ ଏକ ଫସଲୀ |
| ମୋଟ : | | | ୧.୭୨୫ | |

(ପର ପୃଷ୍ଠା ଦେଖନ୍ତୁ)

Scanned with OKEN Scanner

ଏଣୁ, ଉକ୍ତ ସରକାରୀ ଜମି **ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମାର୍ଫତ- ସରକାରୀ ପ୍ରାଥମିକ ବିଦ୍ୟାଳୟ, ଆମ୍ବୁଆବାଡିଙ୍କ** ସପକ୍ଷରେ ବନ୍ଦୋବସ୍ତ ହେବା ପ୍ରସ୍ତାବରେ ଯଦି କାହାର କୌଣସି ଆପତି ଅଭିଯୋଗ ଥାଏ, ତେବେ **ଏହି ବିଜ୍ଞାପନ ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ** ଲିଖିତ ଆକାରରେ ଅଦାଲତ ଫି ଟ. ୨୦.୦୦ ଙ୍କା (କୋଡିଏ ଟଙ୍କା) ର ମୁଦ୍ରା ସହ ନିମ୍ନସ୍ୱାକ୍ଷରକାରୀଙ୍କ ଅଦାଲତରେ ଜଣାଇବେ । ନିର୍ଦ୍ଧାରିତ ସମୟ ଗତେ କୌଣସି ଆପତି ଅଭିଯୋଗ ଗ୍ରହଣ ନକରି ଆଇନାନୁଯାୟୀ କାର୍ଯ୍ୟ ସମ୍ପାଦନ କରାଯିବ ଏବଂ ମିଆଦ ଗତେ କାହାରକିଛି ଆପତି ଅଭିଯୋଗ ଗ୍ରହଣ କରାଯିବ ନାହି ।

ତହସିଲଦାର, ଶେରଗଡ

ଏଥିର ଏକକିତା ନକଲ **District Informatics Officer, Ganjam, Chatrapur** ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି, ଏହା ସର୍ବସାଧାରଣଙ୍କ ଅବଗତି ଓ ପ୍ରଚାର ନିମନ୍ତେ ଏହି ବିଜ୍ଞାପନ ଜାରି ହେବା ଦିନ ଠାରୁ ୧୫ (ପନ୍ଦର) ଦିନ ପର୍ଯ୍ୟନ୍ତ http://ganjam.nic.in ଉପଲବ୍ଧ କରାଇବା ହେବେ ।

ତହସିଲଦାର, ଶେରଗଡ

ଏଥିର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ଢେଙ୍କିଶାଳଙ୍କ ନିକଟକୁ ସର୍ବସାଧାରଣଙ୍କ ଅବଗତି ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଆଇନାନୁଯାୟୀ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ଏଥିର ନକଲ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏଥିର ଏକକିତା ନକଲ ସରପଞ୍ଚ, ମହୁପଦର ଗ୍ରା. ପଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

NAZIR
Tahasil Office
Sheragada (Gm)

ତହସିଲଦାର, ଶେରଗଡ

Scanned with OKEN Scanner